# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଧାମନଗର

ବିଜ୍ଞାପନ ସଂଖ୍ୟା ...୧୪୦୬.../ ତାରିଖ...୦୮-୧୨-୨୦୨୫.../

ଏତଦ୍ବାରା ସୂଚିତ କରାଯାଉଅଛି କି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଧାମନଗର ଅନ୍ତର୍ଗତ ନିମ୍ନରେ ପ୍ରଦତ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକ ପାଇଁ ଅଙ୍ଗନବାଡି ସହାୟିକା ନିୟୋଜିତ କରିବା ନିମନ୍ତେ କେବଳ ମହିଳା ପ୍ରାର୍ଥୀନୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ପ୍ରଦତ୍ତ ନିୟମାବଳୀ ଅନୁସାରେ ଯେଉଁ ପ୍ରାର୍ଥୀନୀମାନେ ଯୋଗ୍ୟ ବିବେଚିତ , ସେମାନେ ଆସନ୍ତା ତା ୦୧/୦୧/୨୦୨୬ ରିଖ ଠାରୁ ତା୧୫/୦୧/୨୦୨୬ ରିଖରେ Online ମାଧ୍ୟମରେ ଏହି ୱେବସାଇଟି (**https://engagement-awc.odisha.gov.in**) ରେ Public Sign ରେ Registration କରି Public Login କରି USER ID & Password କୁ ଯାଇ ଆବଶ୍ୟକ ହେଉଥିବା ସମସ୍ତ ମୂଳ (Original) ପ୍ରମାଣ ପତ୍ର Upload କରି ଦରଖାସ୍ତ ଆବେଦନ କରିବେ । ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ତା୧୫/୦୧/୨୦୨୬ ରିଖ ଅଟେ। ଆବେଦନ କରିବାର ଶେଷ ତାରିଖ ପରଦିନ ଅର୍ଥାତ ତା୧୬/୦୧/୨୦୨୬ ରିଖରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଧାମନଗରରେ ମୂଳ ପ୍ରମାଣପତ୍ର ଯାଞ୍ଚ କରାଯିବା ତେଣୁ ଆବେଦନ କରିଥିବା ପ୍ରାର୍ଥୀନୀମାନେ ଉକ୍ତ କାର୍ଯ୍ୟାଳୟରେ ସମୟ ଦିବା ୧୧.୦୦ ଘଟିକାରେ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବେ ଅନ୍ୟଥା ତାଙ୍କ ଦରଖାସ୍ତକୁ ନାକଚ କରିଦିଆଯିବ। । ପ୍ରାମାଣପତ୍ର ଯାଞ୍ଚ ସମୟରେ ଅନଲାଇନ୍ ଦରଖାସ୍ତ ଫର୍ମ ଏବଂ ତତ୍ ସହ ଅପଲୋଡ କରିଥିବା ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ସହ ଏକ(୦୧) ଗୋଟି ଏବେକାର ପାସ୍ ପୋର୍ଟ ସାଇଜ ଫଟୋଗ୍ରାଫ୍ ସେଲଫ୍ ଆଟେଷ୍ଟେଡ୍ (Self Attested) କରି ଦେବାକୁ ହେବ । ଦରଖାସ୍ତରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ କିମ୍ବା ଯେକୌଣସି ଦିଗରୁ ଅସମ୍ପୂର୍ଣ୍ଣ ତଥା ଆବଶ୍ୟକୀୟ ପ୍ରମାଣ ପତ୍ର ଅଭାବ ଜନିତ କାରଣରୁ ଦରଖାସ୍ତ ପତ୍ରକୁ ନିମ୍ନ ସ୍ୱାକ୍ଷରକାରୀ ନାକଚ କରିପାରିବେ ଏବଂ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନବାଡି ସହାୟିକା ଚୟନ ପ୍ରକ୍ରିୟାକୁ ଯେକୌଣସି ମୂହୁର୍ତ୍ତରେ ସ୍ଥଗିତ କିମ୍ବା ବାତିଲ କରିପାରିବେ । ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ।

ଅଙ୍ଗନବାଡି ସହାୟିକା ପଦ ପୂରଣ ନିମନ୍ତେ ଖାଲିଥିବା ନିମ୍ନଲିଖିତ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ତାଲିକା ନିମ୍ନରେ ଦିଆଗଲା ।

| କ୍ର. ନଂ. | ଗ୍ରାମ ପଞ୍ଚାୟାତ/ ଏନ .ଏ .ସି .ର ନାମ | ଅଙ୍ଗନବାଡି କେନ୍ଦ୍ରର ନାମ | ଅଙ୍ଗନ୍ବାଡି କେନ୍ଦ୍ର ପରିସର ଭୁକ୍ତ ଗ୍ରାମ/ ସାହି / ୱାର୍ଡ / ପଡା ର ନାମ ( ଅଙ୍ଗନ୍ବାଡି କେନ୍ଦ୍ର ର ସେବା କ୍ଷେତ୍ର ଅନୁଯାୟୀ) |
|---|---|---|---|
| ୧ | ଭଞ୍ଜସାହି | ବଳାଶୁଣୀ | ବଳାଶୁଣୀ ଅଙ୍ଗନବାଡି କେନ୍ଦ୍ରର ୱାର୍ଡ ନଂ ୧୧ (ନବଘନ ବେହେରା, ଘର ନଂ ୦୧ ରୁ ସନ୍ତୋଷ ବେହେରା, ଘର ନଂ ୨୯), ୱାର୍ଡ ନଂ ୧୨ (ବାବାଜୀ ଜେନା, ଘର ନଂ ୩୦ ରୁ ଅଲେଖ ଜେନା, ଘର ନଂ ୭୦), ୱାର୍ଡ ନଂ ୧୦ (ଅକ୍ଷୟ ପୃଷ୍ଟି, ଘର ନଂ ୭୧ ରୁ ନରେନ୍ଦ୍ର ସାହୁ, ଘର ନଂ ୧୪୯) ଓ ୱାର୍ଡ ନଂ ୧୩ (ମୂରଲଧର ରାଉତ୍ ଘର ନଂ ୧୫୦ ରୁ ଶ୍ରୀଧର ସୂତାର, ଘର ନଂ ୨୬୦) |
| ୨ | ଭଞ୍ଜସାହି | ଦଧିବାମନବାଡି | ଦଧିବାମନବାଡି ଅଙ୍ଗନବାଡି କେନ୍ଦ୍ରର ୱାର୍ଡ ନଂ ୦୬ (ମଞ୍ଜୁଲତା ଦାସ, ଘର ନଂ ୦୧ ରୁ ଲକ୍ଷ୍ମୀଧର ରଣା, ଘର ନଂ ୪୫) |

**ଅଙ୍ଗନବାଡି ସହାୟିକା ପଦ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା**

୧. ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରର ସେବା ଅଂଚଳରେ ଜଣେ ମହିଳା ହୋଇଥିବେ । ସେଥିପାଇଁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଦରଖାସ୍ତ ସହ ସଂଲଗ୍ନ କରାଯିବ।ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଗ୍ରହଣ କରିବେ ଏବଂ ଏହା ଆଦେଶ ପାଇଥିବା ତାରିଖ ଠାରୁ ୫ ବର୍ଷ ବଳବର୍ତ୍ତ ରହିବ।

୨. ପ୍ରାର୍ଥୀନୀଙ୍କ ବୟସ ୧୮ ରୁ ୩୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ତା ୦୧/୦୧/୨୦୨୫ ରିଖ ସୁଦ୍ଧା ୧୮ବର୍ଷ ରୁ କମ ଏବଂ ୩୫ ବର୍ଷ ରୁ ଅଧିକ ହୋଇନଥିବା ଆବଶ୍ୟକ।

୩. ପ୍ରାର୍ଥୀନୀଙ୍କର ସର୍ବ ନିମ୍ନ ଶିକ୍ଷ୍ୟାଗତ ଯୋଗ୍ୟତା ଦ୍ୱାଦଶ (+2) ପାସ ହୋଇଥିବା ଆବଶ୍ୟକ ।ଏଥିସହ ଅଙ୍ଗନବାଡି ସହାୟିକା ପାଇଁ ଓଡ଼ିଆ ଭାଷା ଜ୍ଞାନ ବାଧ୍ୟତାମୂଳକ । ତେଣୁ ଯଦି ପ୍ରାର୍ଥୀନୀ ଅନ୍ୟ ବୋର୍ଡରୁ ଦ୍ୱାଦଶ ପାସ କରିଥିବେ, ତେବେ ଉକ୍ତ ଦ୍ୱାଦଶ ଶ୍ରେଣୀ ପ୍ରମାଣ ପତ୍ର ସହ ଓଡ଼ିଆ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଓଡ଼ିଆ ଭାଷା ପାଇଁ ପାଇଁ ୭ ମ ଶ୍ରେଣୀ / ୧୦ ମ ଶ୍ରେଣୀ ପାସ ପ୍ରମାଣ ପତ୍ର ସଂଲଗ୍ନ କରିବେ ।

ଦମ୍ୟୂଷ୍ଟ୍ରୀ

୪. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ହାସଲ କରିଥିବା ମାର୍କ ଅଧାରରେ ଆବେଦନକାରୀଙ୍କ Merit list ପ୍ରସ୍ତୁତ କରାଯିବ । ପ୍ରଥମ ସୁଯୋଗରେ ଫେଲ ହୋଇଥିବା ବିଷୟରେ ପାଇଥିବା ମାର୍କକୁ କାଟିବା ଏବଂ ଉକ୍ତ ବିଷୟରେ ପରବର୍ତ୍ତୀ ପରୀକ୍ଷା ଦେଇ ପାସ ହେବା ପରେ ପ୍ରାପ୍ତ ମାର୍କକୁ ସେହି ସ୍ଥାନରେ ଯୋଡାଯିବ ଏବଂ ସେହି ଅନୁସାରେ ଶତକଡା ଗଣନା କରାଯିବ । ଏତଦ ବ୍ୟତୀତ ନିମ୍ନ ଲିଖିତ ଶ୍ରେଣୀଭୁକ୍ତ ପ୍ରାର୍ଥୀନୀ ମାନଙ୍କୁ ସରକାରଙ୍କ ଅଙ୍ଗନବାଡି ସହାୟିକା ଚୟନ ନିର୍ଦ୍ଦେଶାବଳୀ ଅନୁସାରେ ଅତିରିକ୍ତ ମାର୍କ ପ୍ରଦାନ କରାଯାଇ Final Merit list ପ୍ରସ୍ତୁତ କରାଯିବ ।

| | | |
|---|---|---|
| a. | ଅନୁସୂଚିତ ଜନଜାତି (ST) / ଅନୁସୂଚିତ ଜାତି (SC) ହୋଇଥିଲେ। | ୧୦ ପଏଣ୍ଟ |
| b. | ବିଧବା ହୋଇଥିଲେ । | ୧୦ ପଏଣ୍ଟ |
| c. | ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତା ମାତା ନ ଥିବା ) ହୋଇଥିଲେ । | ୧୦ ପଏଣ୍ଟ |
| d. | ନିରାଶ୍ରୟ / ଛାଡପତ୍ର ପ୍ରାପ୍ତ / ପରିତ୍ୟକ୍ତା ମହିଳା ହୋଇଥିଲେ । | ୦୫ ପଏଣ୍ଟ |
| e. | ଉଚ୍ଚ ଶିକ୍ଷ୍ୟାଗତ ଯୋଗ୍ୟତା ଥିଲେ । | ୦୫ ପଏଣ୍ଟ |

ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ , ବିଧବା , ସ୍ବାମୀଙ୍କଠାରୁ ଅଲଗା ହୋଇଯାଇଥିବା ମହିଳା , ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳାଙ୍କୁ ପ୍ରାଥମିକତା ଦିଆଯିବ।

୫. ପ୍ରାର୍ଥୀନୀ ଓଡ଼ିଆରେ ଲେଖି ଓ ପଢି ପାରୁଥିବା ଆବଶ୍ୟକ ।

୬. ପ୍ରାର୍ଥୀନୀ ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନବାଡି କେନ୍ଦ୍ରରେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅଙ୍ଗନବାଡି କର୍ମୀଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ଥିବା ଆବଶ୍ୟକ ।

୭. ଅଙ୍ଗନବାଡି ସହାୟିକା ପଦଟି ସରକାର ପଦବାଚ୍ୟ ନ ହୋଇ ଏକ ସ୍ୱେଚ୍ଛାସେବିକା ହେତୁ ଅବୈତନିକ ଓ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ସେହି କାର୍ଯ୍ୟ ପାଇଁ ସରକାରଙ୍କ ତରଫରୁ ଉକ୍ତ ପଦବୀ ପାଇଁ ନିର୍ଦ୍ଦିଷ୍ଟ ଦରମା ବ୍ୟବସ୍ଥା ନାହିଁ କିମ୍ବା ଏହା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାରଙ୍କ ଓଡିଶା ସଂରକ୍ଷଣ ନିୟମ(**ORV) Act ,1975** କିମ୍ବା କର୍ମ ସଂସ୍ଥାନ ନିୟୋଜନ ଆଇନ ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ଭବିଷ୍ୟତରେ ସରକାରୀ ପଦବାଚ୍ୟ ହେବ ବୋଲି ଦାବି କରିପାରିବେ ନାହିଁ ।

୮. ଯଦିଓ ଓଡିଶା ସଂରକ୍ଷଣ ନିୟମ(ORV) Act ,1975 ଏହି ଚୟନରେ ଲାଗୁ ହୋଇନାହିଁ । ମୁଖ୍ୟତଃ ଏସସି /ଏସଟି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମ ଗୁଡିକରେ ଚୟନ କରାଯାଇଥିବା ସହାୟିକା ଏହି ସମ୍ପ୍ରଦାୟର ହୋଇପାରନ୍ତି, ଯେଉଁମାନେ ସଂଖ୍ୟାଗରିଷ୍ଠ ଅଟନ୍ତି ।

୯. ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ସାନ୍ତ୍ୱନାମୂଳକ ଅଟେ ।ସରକାରଙ୍କ ନିୟନ ଅନୁସାରେ ଅଙ୍ଗନବାଡି ସହାୟିକାଙ୍କୁ ମାସିକ ଟ.୫୦୦୦/-(ପାଞ୍ଚ ହଜାର ଟଙ୍କା)ମାତ୍ର ସାନ୍ତ୍ୱନାମୂଳକ ମାନଦେୟ ପାଇବେ।

୧୦. ଅଙ୍ଗନବାଡି ସହାୟିକା ଭାବେ ମନୋନୀତ ହୋଇ କାର୍ଯ୍ୟରେ ନିୟୋଜିତ ହୋଇଥିବା ପ୍ରାର୍ଥୀନୀ ସାଧାରଣତଃ ୬୦ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ । ୬୦ବର୍ଷ ପରେ ପୁନଃ ନିୟୋଜିତ ହେବାକୁ ଚାହୁଁଥିବା ସହାୟିକା ମାନେ ଉଦ୍ଦିଷ୍ଟ ଫର୍ମାଟରେ ,ଉଦ୍ଦିଷ୍ଟ ପ୍ଲାଟଫର୍ମରେ ଏବଂ ସେହି ଉପାୟରେ ଇଚ୍ଛା ପ୍ରକାଶ କରିପାରିବେ , ଯାହାପାଇଁ ବିଭାଗ ଦ୍ୱାରା ସମୟ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ଓ ବିଭାଗର ଆଦେଶ ନଂ୩୬୫୭ ତା୦୨/୦୩/୨୦୧୯ ରିଖ ଅନୁଯାୟୀ ଅଙ୍ଗନବାଡି ସହାୟିକା ମାନଙ୍କୁ ପୁନଃ ନିୟୋଜିତ ହେବା ପାଇଁ ବୟସ ୨ ବର୍ଷ ବୃଦ୍ଧି ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଦରଖାସ୍ତ ସହ ନିମ୍ନରେ ଦର୍ଶାଯାଇଥିବା ସମସ୍ତ ମୂଳ (Original ) ପ୍ରମାଣ ପତ୍ର Online ଆବେଦନ ସମୟରେ Upload କରିବେ।

<u>ନିମ୍ନଲିଖିତ ପ୍ରମାଣ ପତ୍ର ଆବେଦନ କରିବା ସମୟରେ ଦାଖଲ କରିବେ।</u>

a. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ।
b. ଜାତିଗତ ପ୍ରମାଣ ପତ୍ର ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ।
c. ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ଓ ଦ୍ୱାଦଶ ପାସ୍ ର ମାର୍କ ସିଟ ।
d. ବୟସ ପ୍ରମାଣ ପତ୍ର ନିମନ୍ତେ ଦଶମ ପାସ୍ ର ପ୍ରମାଣପତ୍ର ।
e. ବିଧବା / ଅନାଥ / ଛାଡ଼ପତ୍ର ପ୍ରାପ୍ତ / ନିରାଶ୍ରୟ ହୋଇଥିଲେ ତତ ସମ୍ବନ୍ଧିୟ ପ୍ରମାଣ ପତ୍ର ।
f. ଶାରୀରିକ ଅକ୍ଷମ ହୋଇଥିଲେ ତତ ସମ୍ବନ୍ଧିୟ ପ୍ରମାଣପତ୍ର ।
g. ପ୍ରାର୍ଥୀନୀ ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ବାସିନ୍ଦା ବୋଲି ଏକ ଆଫିଡେଭିଟ୍ ଦାଖଲ କରିବେ । ଯଦି ଭବିଷ୍ୟତରେ ଏହା ଭୁଲ ବୋଲି ପ୍ରମାଣିତ ହୁଏ, ତେବେ ତାଙ୍କର ପ୍ରାପ୍ତିନ୍ତ / ନିଯୁକ୍ତି ପତ୍ରକୁ ବାତିଲ କରାଯିବ ଓ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ସତ୍ୟପାଠରେ ଉଲ୍ଲେଖ ଥିବା ଆବଶ୍ୟକ ।
h. ଅନ୍ୟାନ୍ୟ ଯଦି ବିଜ୍ଞାପନ ଅନୁସାରେ ଆବଶ୍ୟକ ପ୍ରମାଣପତ୍ର ।

ସ୍ୱାକ୍ଷର

ଏହି ବିଜ୍ଞାପନ ପ୍ରକାଶନ ଠାରୁ ଚୟନ ପ୍ରକ୍ରିୟା ସମାପ୍ତ ମଧ୍ୟରେ ଯଦି ସରକାରଙ୍କ ଠାରୁ କୌଣସି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ , ଯେ କୌଣସି ପରିସ୍ଥିତିରେ ବିଜ୍ଞାପନ ରଦ୍ଦ କରାଯାଇପାରିବ ।

୨୯/୧୨/୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଧାମନଗର

ପରିପତ୍ର ସଂଖ୍ୟା ...୧୪୦୭...... / ତାରିଖ ...୨୯-୧୨-୨୦୨୫...//

ଏହାର ଏକକିତା ନକଲ ଉପଜିଲ୍ଲାପାଳ , ଭଦ୍ରକ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ଭଦ୍ରକଙ୍କ ସଦୟ ଅବଗତି ନିମନ୍ତେ ଜଣାଇଦିଆଗଲା ।

୨୯/୧୨/୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଧାମନଗର

ପରିପତ୍ର ସଂଖ୍ୟା ...୧୪୦୮...... / ତାରିଖ ...୨୯-୧୨-୨୦୨୫...//

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଧାମନଗର/ ସ୍ୱାସ୍ଥ୍ୟ ଅଧିକାରୀ ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଧାମନଗର/ ଗୋଷ୍ଠୀ ଶିକ୍ଷା ଅଧିକାରୀ , ଧାମନଗରଙ୍କ ସଦୟ ଅବଗତି ନିମନ୍ତେ ଜଣାଇଦିଆଗଲା ।

ନୋଟିସ ବୋର୍ଡରେ ଏହି ନିଯୁକ୍ତି ବିଜ୍ଞାପନକୁ ପ୍ରକାଶ କରିବାପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଧାମନଗର/ ସ୍ୱାସ୍ଥ୍ୟ ଅଧିକାରୀ ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଧାମନଗର/ ଗୋଷ୍ଠୀ ଶିକ୍ଷା ଅଧିକାରୀ , ଧାମନଗରଙ୍କୁ ଅନୁରୋଧ କରାଗଲା ।

୨୯/୧୨/୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଧାମନଗର

ପରିପତ୍ର ସଂଖ୍ୟା ...୧୪୦୯...... / ତାରିଖ ...୨୯-୧୨-୨୦୨୫...//

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ/ କାଉନସିଲରଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜଣାଇଦିଆଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।

ଏହାର ଏକକିତା ନକଲ ସମ୍ପୃକ୍ତ ମହିଳା ପରିଦର୍ଶୀକାଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ଏବଂ ମୂଳପ୍ରମାଣ ପତ୍ର ଯାଞ୍ଚ ଦିନ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

୨୯/୧୨/୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଧାମନଗର

ପରିପତ୍ର ସଂଖ୍ୟା ...୧୪୧୦...... / ତାରିଖ ...୨୯-୧୨-୨୦୨୫...//

ଏହାର ଦୁଇକିତା ନକଲ ସଂପୃକ୍ତ କେନ୍ଦ୍ରର ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ନିକଟକୁ ପଠାଯାଇ ବିଜ୍ଞାପିତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳ ମଧ୍ୟରେ ବହୁଳ ପ୍ରଚାର ନିମନ୍ତେ ବ୍ୟବସ୍ଥା କରି ଗ୍ରାମବାସୀଙ୍କ ସନ୍ତକ ଗୋଟିଏ କପିରେ ଆଣି ଅତ୍ର କାର୍ଯ୍ୟାଳୟରେ ତା.୧୦/୦୧/୨୦୨୬ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଗଲା ।

୨୯/୧୨/୨୦୨୫
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଧାମନଗର